# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**4 July - 2024**

**News Editor : *Itishree Singh Rathaur***

# ସ୍ମାର୍ଟସିଟି ମିଶନ

ସ୍ମାର୍ଟସିଟି ମିଶନ ଅନ୍ତର୍ଗତ ଦେଶର ୧୦୦ଟି ସହରରେ ୧ଲକ୍ଷ ୪୪ହଜାର କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ଗୁଡ଼ିକର ୯୦ ପ୍ରତିଶତ କାମ ଶେଷ ହୋଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ୨୦୧୫ରେ ଲୋକମାନଙ୍କ ଜୀବନକୁ ସୁବ୍ୟବସ୍ଥିତ କରିବା ଲାଗି ଏବଂ ସ୍ୱଚ୍ଛ ତଥା ପରିବେଶ ଅନୁକୂଳ ଢ଼ାଞ୍ଚା ନିର୍ମାଣ ନିମନ୍ତେ ଏହି ପ୍ରକଳ୍ପ ଗୁଡ଼ିକ ଆରମ୍ଭ କରାଯାଇଥିଲା । ସ୍ମାର୍ଟସିଟି ମିଶନ ପ୍ରକଳ୍ପର ଅବଧିକୁ ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ସମୟ ମଧ୍ୟରେ ୧୯ହଜାର ୯୨୬କୋଟି ଟଙ୍କାର ୮୩୦ଟି ପ୍ରକଳ୍ପ କାର୍ଯ୍ୟ ଶେଷ କରାଯିବ ।

## ମୋ ବସ୍- କୃଷ୍ଣଚନ୍ଦ୍ର ମହାପାତ୍ର

ପ୍ରଧାନମନ୍ତ୍ରୀ ଇ-ବସ୍‌ସେବା ଯୋଜନାରେ କ୍ୟାପିଟାଲ ରିଜିୟନ ଅର୍ବାନ୍ ଟ୍ରାନ୍ସପୋର୍ଟ କ୍ରୁଟ୍ ପାଇଁ ୪୦୦ଟି ଇ-ବସ୍ ଯୋଗାଇ ଦିଆଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ସେ କହିଛନ୍ତି ବର୍ତ୍ତମାନ ରାଜ୍ୟରେ ୬୩ଟି ଇ-ବସ୍ ଚଳାଚଳ କରୁଛି। ଆଗାମୀ ଦିନରେ କଟକ-

ଭୁବନେଶ୍ୱର ଓ ରାଉରକେଲା ସହର ପାଇଁ ୧୦୦ ଲେଖାଏଁ ଏବଂ ସମ୍ବଲପୁର ଓ ବ୍ରହ୍ମପୁର ସହର ପାଇଁ ୫୦ଟି ଇ-ବସ୍ ଅଣାଯିବ।

# ମୁଖ୍ୟମନ୍ତ୍ରୀ-କାର୍ଯ୍ୟାଳୟ

ଭୁବନେଶ୍ୱର ସଚିବାଳୟର ତୃତୀୟ ମହଲାରେ ଥିବା କାର୍ଯ୍ୟାଳୟରୁ ଆଜିଠାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟ କରିବେ । ସୂଚନା ଅନୁସାରେ ଗତ ଜୁନ୍ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ମାଝୀ ଶପଥଗ୍ରହଣ କରିଥିଲେ । ତେବେ ସଚିବାଳୟରେ ତାଙ୍କ କାର୍ଯ୍ୟାଳୟ ପ୍ରସ୍ତୁତ ହୋଇନଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟ ଅତିଥି ଭବନରେ ନିୟମିତ କାର୍ଯ୍ୟ ଚଳାଇ ଆସୁଥିଲେ ।

# ପୁଲିସ କର୍ମଚାରୀ-ଆର୍ଥିକ ସହାୟତା

ରାଜ୍ୟରେ କୌଣସି କାର୍ଯ୍ୟରତ ପୁଲିସ କର୍ମଚାରୀଙ୍କ ଅକାଳ ମୃତ୍ୟୁ ହେଲେ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କ ପରିବାରକୁ ଆର୍ଥିକ ସହାୟତା ମିଳିବ । ଏନେଇ କମିଶନରେଟ୍ ପୁଲିସ ଓ ଏକ ଜାତୀୟ ସ୍ତରର ବ୍ୟାଙ୍କ ସହ ଖୁବ୍‌ଶୀଘ୍ର ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ ବୋଲି ଜଣାପଡିଛି । ଏ ସମ୍ପର୍କରେ ପୁଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି ଏଥିରେ ବିଶେଷକରି ଗ୍ରୁପ୍-ସି, ଓ ଗ୍ରୁପ୍-ଡିର ପୁଲିସ କର୍ମଚାରୀମାନେ ଲାଭବାନ ହେବେ । ଦିନିକିଆ ଡ୍ୟୁଟି ହିସାବରେ ବେତନ ପାଉଥିବା ଏସ୍‌ପିଓ ଓ ହୋମ୍‌ଗାର୍ଡ ମାନଙ୍କ ପାଇଁ ଏହି ଆର୍ଥିକ ସହାୟତା ବେଶ୍ ଗୁରୁତ୍ୱ ବହନ କରିବ । ପ୍ରାୟ ୭ହଜାର

ପୁଲିସ କର୍ମଚାରୀଙ୍କ ସହ ୨ହଜାର ହୋମ୍‌ଗାର୍ଡଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହିଭଳି ନିଷ୍ପତ୍ତି ନିଆଯାଉଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

# ଡେଙ୍ଗୁ ଓ ହଇଜା-ପରାମର୍ଶ

କଟକ ଜିଲ୍ଲାକୁ ମେଲେରିଆ, ଡେଙ୍ଗୁ ଓ ହଇଜା ଭଳି ରୋଗରୁ ମୁକ୍ତ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକରୀ ସଫଳତାର ସହ ନିଜ ଦାୟିତ୍ୱ ତୁଲାଇବା ଲାଗି ଜିଲ୍ଲାପାଳ ଅରିନ୍ଦମ ଡାକୁଆ ପରାମର୍ଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟସମିତି ପକ୍ଷରୁ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ପାଇଁ ଗଠିତ ଟାସ୍କଫୋର୍ସ କମିଟିର ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନ କରି ଉପଯୁକ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ସେହିଭଳି ଆଶାକର୍ମୀମାନଙ୍କ ଦ୍ୱାରା ପ୍ରତି ଘରେ ଓଆର୍‌ଏସ୍ ଓ ଜିଙ୍କ୍ ବଟିକା ବିତରଣ ପାଇଁ ନିଷ୍ପତ୍ତି ହୋଇଛି । ସୂଚନା ଅନୁସାରେ ରାଜ୍ୟରେ ଗତ ପହିଲାରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହବ ।

# ଜାତୀୟ ମେଡ଼ିକାଲ କମିଶନ ଅଧ୍ୟକ୍ଷ

କେନ୍ଦ୍ର ସରକାରଙ୍କ ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଡକ୍ଟର ବି.ଏନ୍. ଗଙ୍ଗାଧରଙ୍କୁ ଜାତୀୟ ମେଡ଼ିକାଲ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ଏହାପୂର୍ବରୁ ଡକ୍ଟର ଗଙ୍ଗାଧର  ମେଡ଼ିକାଲ ଆସେସମେଣ୍ଟ ଆଣ୍ଡ୍ ରେଟିଂ ବୋର୍ଡର ସଭାପତି ରୂପେ କାର୍ଯ୍ୟନିର୍ବାହ କରୁଥିଲେ । ତାଙ୍କ

ସ୍ଥାନରେ ଡକ୍ଟର ସଞ୍ଜୟ ବିହାରୀଙ୍କୁ ମେଡ଼ିକାଲ ଆସେସମେଣ୍ଟ ଆଣ୍ଡ୍ ରେଟିଂ ବୋର୍ଡର ସଭାପତି ରୂପେ ନିଯୁକ୍ତି ଦିଆଯାଇଛି ।

## ପ୍ରବେଶିକା ପରୀକ୍ଷା

ରାଜ୍ୟର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ବିଏଡ୍ ଓ ବିଏଚ୍ଏଡ୍‌ରେ ନାମଲେଖା ପାଇଁ ଆସନ୍ତା ୨୮ ତାରିଖରେ ପ୍ରବେଶିକା ପରୀକ୍ଷା ହେବ । ଏଥିପାଇଁ ୱେବ୍‌ସାଇଟ୍‌ରେ ଆସନ୍ତା ୨୨ ତାରିଖରୁ ପ୍ରବେଶପତ୍ର ଉପଲବ୍ଧ ହେବ । ସେହିଭଳି ଏମ୍ଏଡ୍‌ରେ ନାମଲେଖା ପାଇଁ ଆସନ୍ତା ୨୭ରେ ପ୍ରବେଶିକା ପରୀକ୍ଷା ହେବ ।

## ରଥଯାତ୍ରା ଛୁଟି

ରଥଯାତ୍ରା ପାଇଁ ଆସନ୍ତା ୮ ତାରିଖ ସୋମବାର ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ କୋର୍ଟ ଛୁଟି ରହିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛୁଟି ଘୋଷଣା କରିବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଶ୍ରୀଜୀଉଙ୍କ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଆଷାଢ଼ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ପରମ୍ପରା ଅନୁଯାୟୀ ଅଣସରଗୃହରେ ଶ୍ରୀବିଗ୍ରହମାନଙ୍କର ଘଣାଲାଗି, ଖଳିଲାଗି ଓ ପରେ ଖଡିଲାଗି ନୀତି ଅନୁଷ୍ଠିତ ହେବ । ଶ୍ରୀବିଗ୍ରହମାନଙ୍କ ଘଣାଲାଗି

ସମ୍ପନ୍ନ ହେବା ପରେ ଘଣ୍ଟ, ଛତା, କାହାଳୀ ସହ ଖଳି ପ୍ରସାଦ ଶୁଦ୍ଧ ସୁଆରଙ୍କ ଘରଠାରୁ ଶ୍ରୀମନ୍ଦିରକୁ ବିଜେ କରାଯିବ । ସେହିପରି ଦତ୍ତ ମହାପାତ୍ରଙ୍କ ଘରୁ ଆସିଥିବା ଖଡି ମହାପ୍ରଭୁଙ୍କୁ ଲାଗି କରାଯିବାର ବିଧି ରହିଛି । ଏହି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ଗୋପାନୀୟ ଭାବେ କରାଯିବ । ଗତକାଲି ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ରାଜପ୍ରସାଦ ବିଜେନୀତି ଅନୁଷ୍ଠିତ ହୋଇଯାଇଛି ।

## ଛାତ୍ରଛାତ୍ରୀ-ସମ୍ବର୍ଦ୍ଧିତ

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନବପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ୫୬ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳଙ୍କ ଠାରୁ ପୁରସ୍କୃତ ହୋଇଥିବା ୧୪ଜଣ ସ୍କାଉଟ୍‌ଗାଇଡ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇଥିଲେ ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୀ ସକ୍ରିୟ ଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଗତକାଲି ବର୍ଷା ହୋଇଯାଇଛି । ତେବେ ଆସନ୍ତା ରବିବାର ବେଳକୁ ବଙ୍ଗୋପ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ଘଣ୍ଟା ମଧ୍ୟରେ

ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର ଓ ବରଗଡ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।